

୧୫ଶ ସଂସ୍କରଣ
ଓଡ଼ିଆ ଇ-ପତ୍ରିକା



# କଭର୍ ଫଟୋ: ନମ୍ରତା ସିଂହ

**Instagram: @the_butter_cubes**



## ସମ୍ପାଦନା/ଅଳଂକରଣ:

ସଂଗ୍ରାମ କେଶରୀ ସେନାପତି

https://blogs.gapu.in

# ସମ୍ପାଦକୀୟ...✍

ପ୍ରଚଳିତ ପ୍ରଥାରେ ଯେତେ ବ୍ୟତିକ୍ରମ ପରିଲକ୍ଷିତ ହୁଏ, ସେତେବେଳେ ଏହାର ବିରୋଧ କରୁଥିବା କିଛି ଗୋଷ୍ଠୀ ଭିନ୍ନ ଏକ ପ୍ରଥାକୁ ଆପଣାନ୍ତି, ଯାହାକି ପୂର୍ବ ପ୍ରଚଳିତ ପ୍ରଥାର ଏକ ଭିନ୍ନ ରୂପ ହୋଇଥାଏ । କୌଣସି ବ୍ୟବସାୟିକ ଅନୁଷ୍ଠାନ ହେଉ କିମ୍ବା କୌଣସି ସମ୍ପ୍ରଦାୟ ହେଉ, ସବୁର ସୃଷ୍ଟି ପ୍ରାୟତଃ ଏମିତି କିଛିରୁ ହୋଇଥାଏ । ହଁ ମୂଳ ପ୍ରବର୍ତ୍ତକଙ୍କ ଅନ୍ତ ପରେ ତାଙ୍କ ଭବିଷ୍ୟତ ହୁଏତ ତାଙ୍କ ପ୍ରଦର୍ଶିତ ମାର୍ଗରୁ ଦୂରେଇ ଯାଇପାରନ୍ତି । ସେତେବେଳେ ପୁଣିଥରେ ନୂଆ ଏକ ଗୋଷ୍ଠୀର ସୃଷ୍ଟି ହୁଏ । ପୂର୍ବରୁ ମଧ ଏହି କଥା କହିଥିଲି ଯେ, ଯାହାର ଆରମ୍ଭ ଅଛି, ତା'ର ଅନ୍ତ ଅଛି । ଆମେ ତାକୁ ସବୁଦିନ ସାଇତିକି ରଖିପାରିବା ନାହିଁ । ତା'ର ଅନ୍ତ ସମୟ ଆସିଲେ ସେ ଅନ୍ତ ହେଇଯିବ ।

ନୂତନ ବର୍ଷର ଶୁଭେଚ୍ଛା ସହିତ ଭେଟିଦେଉଛୁ ଶୁଭୋଦୟର ଏହି ୧୫ଶ ସଂସ୍କରଣ । ଆପଣମାନଙ୍କର ଆଶୀର୍ବାଦରେ ଶୁଭପଲ୍ଲବ ଆଜି ୪ ବର୍ଷ ଅତିକ୍ରମ କରିସାରିଛି, ଏହାର ଯାତ୍ରାରେ ଆପଣମାନଙ୍କର ଏମିତି ଆଶୀର୍ବାଦ ଓ ସହଯୋଗ କାମ୍ୟ କରୁଛୁ ।

ଏହି ସଂସ୍କରଣର କଭର୍ ଫଟୋରେ ଆମେ ସ୍ଥାନିତ କରିଛୁ ଓଡ଼ିଶାର ଅନ୍ୟତମ ଜଣାଶୁଣା ଫୁଡ୍ ବ୍ଲଗର୍ ନମ୍ରତା ସିଂହଙ୍କର କ୍ରିସ୍‌ମାସ୍ ଫଟକୁ । ତାଙ୍କର ଏହି ସହଯୋଗ ପାଇଁ ତାଙ୍କୁ ଶୁଭପଲ୍ଲବ ପରିବାର ତରଫରୁ ଧନ୍ୟବାଦ ଜଣାଉଛୁ ।

**ଜୟ ଜଗନ୍ନାଥ !**

ଘନଶ୍ୟାମ

**ପ୍ରତିଷ୍ଠାତା ଓ ସମ୍ପାଦକ, ଶୁଭପଲ୍ଲବ**

# ସୂଚୀପତ୍ର

| କ୍ର. ସଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧ | ବ୍ୟତୀତ ବର୍ଷ | ଦିବ୍ୟାଶ୍ରୀ ବିଶ୍ୱବନ୍ଧ୍ୟା | ୫ |
| ୨ | ଝୁରେ ସେ ଶୀ | ସୁଶ୍ରୀ ସଙ୍ଗୀତା ସେଠୀ | ୬ |
| ୩ | ବିଚିତ୍ରବର୍ଣ୍ଣା | ବସନ୍ତ କୁମାର ପ୍ରଧାନ | ୮ |
| ୪ | ସହିଦ ମାଟିର ଗାଁ' | ମୃତ୍ୟୁଞ୍ଜୟ ଗୋପାଳ ଲାଲ | ୯ |
| ୫ | ସପନର ନାୟିକା | ଶୁଭ୍ରାଂଶୁ ଶେଖର ପଟନାୟକ | ୧୦ |
| ୬ | କାର୍ତ୍ତିକ ମହା ପଞ୍ଚୁକ | ପ୍ରକାଶ ମେହେର | ୧୧ |
| ୭ | ମୋ ଗାଁ | ସୁସ୍ମିତା ବାଭୀ | ୧୨ |
| ୮ | ଇତିହାସ | ଜଗନ ବେହେରା | ୧୪ |
| ୯ | ନିଜକୁ ପାରେନି ମାନି | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୧୫ |
| ୧୦ | କାର୍ତ୍ତିକ ମାସ | ଦେବାଶିଷ ପାତ୍ର | ୧୬ |





1st Anthology of
Shubhapallaba Publication

पंक्तियों में पंख

Available on
Amazon Kindle & Google Books

Buy Now!

# ବ୍ୟତୀତ ବର୍ଷ

ବ୍ୟତୀତ ତିନିଶ' ପଞ୍ଚଷଠି ଦିବସ
ଅନ୍ତ ଆଉ ଏକ ବର୍ଷର ।

ବିତି ଯାଇଥିବା ପ୍ରତି ଏକ କ୍ଷଣ
ସ୍ମରଣ କରାଇଲା କ୍ଷଣ କ୍ଷଣଠୁ ଆନ ।

କିଛି ଆଶା କିଛି ନିରାଶାର କ୍ଷଣ
କିଛି ବିଶ୍ୱାସ ଆଉ ଅବିଶ୍ୱାସର କ୍ଷଣ ।

କେବେ ଖୁସିର ଜୁଆର
କେବେ ଦୁଃଖର ସାଗର ।

ସମୟ ଯୋଡ଼ିଦେଲା କାହା ସଂସାର
ସମୟ ସ୍ରୋତରେ ଉଜୁଡିଲା କା' ସଂସାର ।

କେବେ ଶୂନ୍ୟ କେବେ ପୂର୍ଣ୍ଣ
ବିତିଗଲା ଦିନ ପରେ ଦିନ ।

ପୁରୁଣା ହେଲା ଆଉ ଏକ ବର୍ଷ
ଆଣିବାକୁ ନୂଆ ଏକ ବର୍ଷ ।



ଦିବ୍ୟାଶ୍ରୀ ବିଶ୍ୱବନ୍ଧ୍ୟା





# ଝୁରେ ସେ ଶୀତ

## ସୁଶ୍ରୀ ସଙ୍ଗୀତା ସେଠୀ

ମନେପଡୁରେତୁ ଆଜି ଶୀତ
କେମିତି ପିଲାଦିନେ ତୁ ଆସିଥିଲୁ
ମୋ ଗାଁ'କୁ ଉତ୍ତରା ପବନେ ଥରେଇ,
ମୋ କର୍ମଚଞ୍ଚଳ ଗାଆଁଟି ହୋଇଯାଉଥିଲା
ଶୁନଶାନ୍ ତୋ'ର କ୍ରୁର ହେମାଳରେ
ନିର୍ଜ୍ଜନ ସାଜୁଥିଲା ବାଟ ଖାଲି ତୋ' ପାଇଁ ।

ତୁଳି ମୁଣ୍ଡ ସତେ ତୋ'ର ନିବାରଣ
ସବୁରି ସାହା ଭରସା ତୋ' ଦାଉରୁ
ପାଇବାକୁ ରକ୍ଷା ଏ ଜାଡ଼ ରାକ୍ଷସଠୁ,
ଜେଜେମା କହେ ଗପ ତୁଳି ମୁଣ୍ଡେ ବସି
କୋଳେ ବସାଇ ଗେହ୍ଲା ନାତିକୁ କିଛି
ସୁନ୍ଦର ସମୟ ବି ଭେଟି ଦେଉଥିଲୁ ନିଜଠୁ ।

ହାଡ଼ଭଙ୍ଗା ଶୀତ ତୋ'ର ଗରିମା ଭାଙ୍ଗୁଥିଲା
ଚଷାଭାଇ ଶ୍ରମ ଆଗେ ଯେବେ ପାହାନ୍ତାରୁ
ସେ ଯାଉଥିଲା ମାଟି ମା'ର ସେବା କରି,
ବୃଦ୍ଧ ଆଉ ଛୁଆଙ୍କ ନିଆଁପଇଁ ହେବା ଦେଖି
ପୁଣି ତୁ ଗର୍ବେ ଫୁଲାଉଥିଲୁ ଛାତି
ତୋ ପାରିବାପାଣିଆ ଦେଖିକରି ।

ମାର୍ଗଶିରରେ ହେଉ ତୁ ପୁଣି ଉତ୍ପାତ
ଝିଅବୋହୂଙ୍କୁ ଦେଉ ଥରାଇ ତୋ'ର
ଅହେତୁକ ଶକ୍ତି ଦେଖାଇ,
ଓଡ଼ିଆ ସଂସ୍କୃତି ଆଗେ ପୁଣି ହାର୍ ମାନୁ
ଝିଅବୋହୂଙ୍କ ପାହାନ୍ତା ଝୋଟି ଚିତା
ସାଜସଜାରେ ମଉଳି ଯାଇ ।

କାକରେ ସଜାଇ ତରୁଲତାଙ୍କୁ ଭରି
ହେମାଳ ବାତାବରଣ ଥରାଉ ସାରା
ଗାଁକୁ କରି ତୁ ହୀନିମାନ,
ପ୍ରାଣହରି ନେଉ ପୁଣି ତୋ' ତେଜରେ
ଅନେକଙ୍କ ସୁଖ ଛଡ଼େଇ ନେଇ
ଦେଇ ଅନେକ ପୀଡ଼ା, କଷଣ ।

ଏତେ ସବୁ ଭିତରେ ସୋରିଷ ଫୁଲର
କ୍ଷେତ ବଢ଼ାଏ ତୋ' ସୌନ୍ଦର୍ଯ୍ୟ
ହଳଦିଆ ଶାଢ଼ୀରେ ଢାଙ୍କି ଧରଣୀ ମା'କୁ,
ପର୍ବପର୍ବାଣୀରେ ପାବନ ହୁଏ ଚତୁର୍ଦ୍ଦିଗ
ନୂଆ ଅନୁଭୂତି, ନୂଆ ଉନ୍ମାଦନା ଭରେ
ସର୍ବେ ଜାଗ୍ରତ ନୂଆ କିଛି କରିବାକୁ ।

ମା' ଲକ୍ଷ୍ମୀ ଦିଅନ୍ତି ଏ ଧରାକୁ ଶସ୍ୟେ ଭରି
ମାର୍ଗଶିରରେ ଘରେଘରେ ପାଦ ଦେଇ
ଧନରେ ଭଣ୍ଡାର ଭରି,

ସବୁ ଘର ଆଗେ ଗେଣ୍ଡୁର ବଗିଚା ଲାଗେ
ସତେ ମର୍ତ୍ତ୍ୟ ସରଗ ପାଲଟିଛି ନିର୍ମଳ
ପନିପରିବାରେ ବାଡ଼ିବଗିଚା ପୂରି ।

ଏହି ସରଳ ନିରୀହ ଗାଆଁ ତତେ ଆପଣେଇ
ନେଉଥିଲା ସ୍ନେହ ମମତାରେ ବାନ୍ଧି
ତୁ ପୁଣି ନେଉଥିଲୁ ବିଦାୟ ଅତିକଷ୍ଟେ,
ଥିଲା ସେ ସମୟ କେତେରେ ନିରୀହ
ବୋଧେ ତୁ ଝୁରୁଛୁ କାହିଁ ମନ କରୁନାହୁଁ
ଏବେ ଆସିବାକୁ ସେମିତି ଏ ମର୍ତ୍ତ୍ୟେ !

**- ସୁଶ୍ରୀ ସଙ୍ଗୀତା ସେଠୀ**





**ସୁଲଗ୍ନା ମହାନ୍ତିଙ୍କ**

**ଆନିର ରୋଷେଇଘର**

**ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ**

**(at ₹199/- only)**

Buy Now!





# ବିଚିତ୍ରବର୍ଣ୍ଣା

**ବସନ୍ତ କୁମାର ପ୍ରଧାନ**

ସରଳ ରେଖାଟେ ଅଟଇ ଯେ ନାରୀ
ଉଭୟ ଦିଗକୁ ସେ ଗତିଶୀଳ,
ଦେଖାଇ ପାରେ ସେ ସରଗପୁର
ଆଉ କେବେ ପୁଣି ନରକ ଦ୍ୱାର ।

କରତ ପରି ଉଭୟ କ୍ରିୟାରେ
ଦେଖାଇ ପାରେ ସେ କର୍ମକୁଶଳ
ନଦୀ ପରି ସେହି ଚଳ ଚଞ୍ଚଳ
ରହିଅଛି ତା'ର ଦୁଇଟି କୂଳ ।

ପ୍ରକୃତିକୁ ତା'ର କିଏ ବା ଜାଣିବ
ନାରାୟଣକୁ ଯେ ଅଗୋଚର,
ଜଳ ପରି ସେହି ସବୁ ଅବସ୍ଥାରେ
ବ୍ୟାପ୍ତ ହୋଇଛି ଏ ଚରାଚର ।

ସକଳ ଶକ୍ତିର ଆଧାର ସେହି
ଅଟଇ ସବୁରି ଆଧାରଭୂତା
ସୃଷ୍ଟି ସମୃଦ୍ଧି ପ୍ରଳୟ ମୂଳରେ
ଜଗତର ସେହି ଯେ ଆଦିମାତା ।

କଣ୍ଟେଇକୋଳି ପରି ଅଟେ ନାରୀ
ଖଟାମିଠାର ସେ ସମ୍ମିଶ୍ରଣ,
ଦେଖାଇ ପାରେ ସେ ନିର୍ବାଣ ପଥ
ପକାଇ ପାରେ ସେ ମାୟା ବନ୍ଧନ ।

ସ୍ନେହ ପ୍ରେମ ପୁଣ୍ୟ ପବିତ୍ରତା ପାଇଁ
ପୁଣ୍ୟ ଗଙ୍ଗା ସେ ଯେ ମହାସତୀ,
ଘୃଣା ଦ୍ୱେଷ କାମ କୁଟୀଳତା ପାଇଁ
ଝଣକାଏ ଚୁଡ଼ି ହୋଇ ଅସତୀ ।

ସବୁକ୍ଷେତ୍ରେ ନାରୀ ଦେଖାଉଛି ଆଜି
ପାରଦର୍ଶିତା ଲଭୁଛି ଖ୍ୟାତି,
କିଏ କହେ ତାକୁ ଅବଳା ଦୁର୍ବଳା
ଧରିପାରେ ଖଣ୍ଡା ଖର୍ପର କାତି ।

ତା'ପାଖେ ଅମୃତ ତା'ପାଖରେ ବିଷ
ତା'ପାଖେ ରହିଛି ବନ୍ଧନ ମୋକ୍ଷ,
ଦେଇପାରେ ସେହି ନରକ ଯନ୍ତ୍ରଣା
ଦେଇପାରେ ପୁଣି ପରମ ସୁଖ ।

କେବେ ସେ ନାଗୁଣୀ କେବେ ନାରାୟଣୀ
ସଂସାରରେ ତା'ର ବିଚିତ୍ର ଲୀଳା,
ଯେଉଁ ଘରେ ସେହି ପୂଜା ପାଇଥାଏ
ଦେବତା ସନ୍ତୁଷ୍ଟ ହୁଅନ୍ତି ଭଲା ।



# ସହିଦ ମାଟିର ଗାଁ

**ମୃତ୍ୟୁଞ୍ଜୟ ଗୋପାଳ ଲାଲ**

ମରାଳ ମାଳିନୀ ନୀଳାମ୍ବୁ ତଟରେ
ଶୋଭାପାଏ ମୋ ଗାଆଁ,
ମୋ ଗାଆଁରେ ବିଜେ ରାଧାମୋହନ ଜୀଉ
ଛେଡ଼ାପଦର ତା' ନାଆଁ ।

ଗାଆଁଟି ମୋର ଅତି ସୁନ୍ଦର
ଏ ଧରାଧାମ ତଳେ,
କେତେ ବୀର ସୈନିକ ଜନ୍ମ ନେଇଥିଲେ
ମୋ ଗାଆଁ ପ୍ରକୃତି କୋଳେ ।

ମୋ ଗାଆଁରେ ଲୁଚିଛି କେତେ ଯେ
କାହାଣୀ
କେତେ ବୀରତ୍ୱର ଗାଥା,
ମନେ ପଡ଼ିଗଲେ ଗର୍ବଗୌରବେ
ଟେକିହୋଇଯାଏ ମଥା ।

ଗାଆଁରେ ଥିଲେ ବୀର ଯବାନ
ମୋ ପ୍ରିୟ ଦୁଷ୍ମନ୍ତ ମାମୁଁ,
ଗାଆଁ ପାଇଁ ଯେଉଁ କୀର୍ତ୍ତି ଅର୍ଜିଛନ୍ତି
ଭୁଲିହେବ ନାହିଁ ମନୁ ।

କ୍ରିକେଟ ଖେଳକୁ ଭଲ ପାଉଥିଲେ
ଡାକୁଥିଲେ ମତେ ଜିଜିନ,
ଦେଶ ମାତୃକାର ସେବା କରି ସିଏ
ହୋଇଗଲେ ଆଜି ଲୀନ ।

ତାଙ୍କରି ଆଦର୍ଶେ ବାଟ ଚାଲୁଥିଲି
ମାନୁଥିଲି ତାଙ୍କ କଥା,
ହୃଦୟ ମଧ୍ୟରୁ ଦିଏ ଶ୍ରଦ୍ଧାଞ୍ଜଳି
ନୁଆଁଏ ଜିଜିନ ତା' ମଥା ।

# ସପନର ନାୟିକା

କେବେ କେମିତି ତମେ ପାରିବ ଜାଣି
ରାତି କାଟୁଛି ମୁଁ ତାରା ଗଣି ଗଣି
ତମ କଥା ଭାବି ଭାବି ନିଦ ହେଉନି
ତମର ମୋର ଏହି ପ୍ରେମ କାହାଣୀ

ତମ ପ୍ରେମରେ ପାଗଳ ମୁଁ ହେଲିଣି
ଖାଇବା ପିଇବା ଭୁଲି ମୁଁ ଗଲିଣି
ଏମିତି କାହିଁକି ହେଲି ମୁଁ କେଜାଣି
ସାଙ୍ଗସାଥିଙ୍କ ଠାରୁ ଦୂରେଇ ମୁଁ ଗଲିଣି

ସହର ସାରା ପଡ଼ିଛି ଭାଲେଣି
ମୋ ପ୍ରେମର କିଏ ସେ ରାଣୀ
କିଏ ମୋ ହୃଦୟକୁ ଯାଇଛି ଜିଣି
ପ୍ରେମିକାରୁ କେବେ ହେବ ଘରଣୀ

ଆମ ପ୍ରେମର ପରଦା ଦେବା ଟାଣି
ଦିନେ ଓଢ଼ଣା ହେବ ତମ ଓଢ଼ଣୀ
ତମ ମଥାରେ ସିନ୍ଦୂର ଗାର ଟାଣି
ତମେ ହେବ ମୋର ଅର୍ଦ୍ଧାଙ୍ଗିନୀ



ଶୁଭ୍ରାଂଶୁ ଶେଖର ପଟନାୟକ



# କାର୍ତ୍ତିକ ମହା ପଞ୍ଚକ

ପ୍ରକାଶ ମେହେର



ପଞ୍ଚ ଦିନ ପ୍ରଭାତରୁ ସ୍ନାନ ସାରି ତୁରିତେ
ଲୟ୍ ରଖ ମନ କୃଷ୍ଣ ପାଦେ ।
ଭାଗବତ ଗାନ କର ଜଗନ୍ନାଥଙ୍କୁ ସୁମରି
ପ୍ରଭୁ କୃପା ଲଭିବୁ ତେବେ ॥

ତୁଳସୀ ଦେବୀଙ୍କୁ କମଳେ କର ଜଳ ଦାନ
କୃପା କରିବେ ହେ ନାରାୟଣ ।
ଚକ୍ରଧାରୀ ଲକ୍ଷ୍ମୀକାନ୍ତ ପାପ କର ନାଶନ
ତବପଦ୍ମ ଯୁଗଳେ ମୋର ଧ୍ୟାନ ॥

ସନ୍ଧ୍ୟା ସମୟେ ଦୀପ ଜାଳି ତୁଳସୀ ମୂଳେ
ସନ୍ଧ୍ୟା ସୁମରି ଯାଉ ଦିନ ମଙ୍ଗଳେ ।
ପବିତ୍ର କାର୍ତ୍ତିକେ ତୁଳସୀ ଅଟେ ପୁଣ୍ୟ ବତୀ
ମିଳିଣ ସେବା କର ନରନାରୀ ସର୍ବେ ॥

ଭାଗବତ ଗାନ କରି ହରି ବୋଲ ଦେଇ
ହୁଳ ହୁଳିରେ ଘର ଉଠେ ପୂରି ।
ନାମ ସଂକୀର୍ତ୍ତନେ ଆନନ୍ଦେ ବିତି ଯାଏ ଦିନ
ଧରି ହରେ କୃଷ୍ଣ ହରି ନାମ ॥

ଏ ମହା କାର୍ତ୍ତିକେ କର ହରି ନାମ ଶ୍ରବଣ
ମଣିଷ ଜନ୍ମ ଅଧମ ହେବୁ ପାରି ।
ପରମାତ୍ମା ସେ ପ୍ରଭୁ ଦେବକୀଙ୍କର ନନ୍ଦନ
ଦୟା କ୍ଷମା ଯାହା ଅଛୁ ହୃଦେ ଧରି ॥

ପୁଷ୍ପ ସମ ସମସ୍ତଙ୍କୁ ଆଦରର ରଖ ଭାବ
ତିଳେ ହେଲେ କାହାର ନ କରି ମନ୍ଦ ।
ସାଧୁ ଜନ ଗୁରୁ ପାଦେ କର ହେ ପ୍ରଣାମ
ତାଙ୍କ ଆଶିଶେ ମିଳେ ଆତ୍ମ ଜ୍ଞାନ ॥

ମିଳଇ ନାହିଁ ତୃପ୍ତି ଆନନ୍ଦ ନାହିଁ ଯଦି ଶ୍ରଦ୍ଧା
ସେ ଲୀଳାମୟଙ୍କୁ ସଦା ଭଜିବା ।
ଆହେ ମୁରଲୀଧର ଲୀଳା ତୁମ ଅଗୋଚର
କାହୁଁ ଜାଣିବି ମୁଁ ତବ ନାମ ଧରିବା ॥

ସନ୍ଥ ଜନ ନୁହଇ ମୁଁ ଅଧମ ନର ଛାର
ଚିତ୍ତ ଥାଉ ତୁମ ନାମ ଜପି ଜପିବା ।
ପଞ୍ଚକ ବ୍ରତର ଫଳ ପୂର୍ଣ୍ଣମୀରେ ମିଳେ
ବୋଇତ ବନ୍ଦାଣ ପ୍ରଭାତୁ କରିବା ॥



Photo: Shrinivaskulkarni1388

# ମୋ ଗାଆଁ



ସୁସ୍ମିତା ବାଭୀ

ଗାଁ'ଟି ମୋର କେଡ଼େ ସୁନ୍ଦର
ସ୍ମୃତି ରହିଛି ମୋ ପିଲାଦିନର
ଯେଉଁଠି ଥିଲେ ଗାଁ'ର କଥା
ମନେ ପଡ଼େ ବାରମ୍ବାର ।

ମୋ ଗାଁ ପାଣି ପବନରେ ଗଢ଼ା
ମୋହରି ଜୀବନ
ଶୁଝି କି ପାରିବି କେବେ
ମୁଁ ତା'ରି ଋଣ ।

ସକାଳ ହେଲେ ପୂର୍ବ ଆକାଶେ
ସୂର୍ଯ୍ୟ ଉଇଁଥାଏ
ଜାତି ଜାତିକା ଫୁଲ ମହକରେ
ଗାଁ ମୋର ମହକୁ ଥାଏ ।

ଚାଳ ଉପରେ କାଉର ରାବ
ଗାଁ ମଝିରେ କୁକୁଡ଼ା ଡାକ
ଲାଗଇ କେଡ଼େ ସୁନ୍ଦର
ସକାଳ ହେଲେ ଶୀତଳ ପବନ
ଲାଗଇ କେତେ ମଧୁର ।

ପୂଜା ପାଉଛନ୍ତି ଦେବୀ ମାଆ
ଆମ ଗାଁ ଆରମ୍ଭରେ
ତାଙ୍କରି କରୁଣା ଥାଏ ସଦା
ଆମରି ଉପରେ ।

ମୋ ଗାଁ'ରେ ରହିଛି କେତେ
ନଡ଼ା ଛଣ ଛପର ଘର
କାନ୍ଥରେ ଅଙ୍କା ଯାଇଥିବା ଝୋଟି
କେତେ ମନୋହର ।

ଶାନ୍ତ ସରଳ ସମସ୍ତେ ଅଟନ୍ତି
ମୋ ଗାଁ'ର ଲୋକ
କୃଷି କାମ କରି ମେଣ୍ଟାନ୍ତି
ନିଜ ନିଜର ଭୋକ ।

ଚାଷୀ ଭାଇ ସକାଳୁ ଉଠି
ପଖାଳ ଗଣ୍ଡେ ଖାଇ
ଖୁସି ମନରେ ବିଲକୁ ଯାଏ
ହାତେ ହଳ ଲଙ୍ଗଳ ଧରି ।

ନଇ ଟିଏ ବହି ଯାଇଛି ମୋ
ଗାଁ'ର ଶେଷ ଭାଗରେ
ପାଠ ପଢ଼ା ସାରି ସବୁ ସାଙ୍ଗ ସାଥି
ଖେଳୁ ଆମେ ତା'ର କୂଳରେ ।

କେବେଠୁ ରହିଛି ଗାଁ ମଝିରେ
ଏକ ବୁଢ଼ା ବରଗଛ
ସନ୍ଧ୍ୟା ହେଲେ ଗଛ ମୂଳେ
ବସନ୍ତି ସବୁ ଲୋକ ।

ଅପରିଷ୍କାର କରୁନା ଆମେ ଗାଁ'କୁ
ସବୁବେଳେ ରଖୁ ସଫାସୁତୁର
ରାଗ ଅଭିମାନ ନଥାଏ ମନରେ
କାହାରି ସମସ୍ତେ ଏଠି ନିଜର ।

କେତେ ପର୍ବ ପର୍ବାଣୀ ପାଳନ ହୁଏ
ଆମରି ଗାଁ ଭିତରେ
ଭୁଲି ପାରିବିନି କେବେ ଗାଁକୁ
ଥିଲେ ଯେତେ ବି ଦୂରେ ॥




ସୁଲଗ୍ନା ମହାନ୍ତିଙ୍କ
ଆନିର ରୋଷେଇଘର
ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ
(at ₹199/- only)
Buy Now!

# ଇତିହାସ

ଇତିହାସର କାଳ୍ପନିକ ଦୁନିଆ
ଇଚ୍ଛାହୁଏ ଫେରି ଯାଆନ୍ତି କି
ସେଇ ଇତିହାସର ଅତୀତକୁ...
ଭଲ ଲାଗେନି କେବେ କେବେ ଆଜିର
ଏ ଚାକ ଚକ୍ୟ ଆଉ ଦେଖାଣିଆର ଦୁନିଆ...
ଭଲ ଲାଗେନି ସେଇ ମୁହଁ,
ବିଷ ଭରା କଳସୀରେ ଅମୃତ ଛିଞ୍ଚା ଭଳି ।
ଇଚ୍ଛା ହୁଏ ଫେରି ଯାଆନ୍ତି କି
ସେଇ ବଳଦ ବୁହା ଶଗଡ଼ର ଅତୀତକୁ...
ଯେଉଁଠି ନା ଥା'ନ୍ତା ଏ ଯାନବାହାନର
କର୍କଶ ଶବ୍ଦ ଆଉ ଲୁହ ଲହୁର ଦୁର୍ଘଟଣା...
ନା ଥା'ନ୍ତା ରେଳଗାଡ଼ି ଆଉ ଉଡାଜାହାଜ
ନା ପୁଅ ଛାଡ଼ି ଯାଆନ୍ତା ବିଦେଶ
ତା' ମମତାମୟୀ ମା'କୁ ।
ଇଚ୍ଛା ହୁଏ ଫେରି ଯାଆନ୍ତି କି
ସେଇ ଅତୀତର  ନିରୀହ ଦୁନିଆଁକୁ...
ଯେଉଁଠି ନା ଥା'ନ୍ତା ଏ ଦୂରଦର୍ଶନ ଆଉ
ତା'ର ବାଂଶ ଯନ୍ତ୍ର ତା' ସହ ସତ ମିଛ ପ୍ରେମ..
ଯେଉଁଠି ଥାନ୍ତା ନା ଏ ଅମାନବିକ
ରକ୍ତପାତ ନା ଅମାନୁଷିକ ବଳହ୍କାର ।
ଇଚ୍ଛାହୁଏ ଫେରି ଯାଆନ୍ତି କି ଅତୀତର
ସେଇ ବଣ ଜଙ୍ଗଲ ଘେରା ସଭ୍ୟତାକୁ...
ଯେଉଁଠି ନା ଥା'ନ୍ତା ସେଇ ଅସନ୍ତୋଷର ଭାବ
ଆଉ ନିରାଶବାଦୀର କୋହୋ...
ନା ଥା'ନ୍ତା ବିବେକବାନର ଅଭାବତା
ନା ଆତ୍ମସ୍ୱାର୍ଥର ଅନ୍ଧକାରତା ।



ଜଗନ ବେହେରା



# ନିଜକୁ ପାରେନି ମାନି

ପ୍ରଫୁଲ୍ଲ କୁମାର ତ୍ରିପାଠୀ



ମନେ ଉପୁଜାଇ ଡର ଅକାରଣେ
ବାସ୍ତବତାକୁ ଭୁଲି
ସ୍ୱାନୁଭୂତିକୁ ବିଶ୍ୱାସ ନ କରି
ଯିଏ ଯାଉଥାଏ ଚଳି

ଜୀବନ ତା' ପାଇଁ ତୁଚ୍ଛ ଘଟନା
ସ୍ୱେଚ୍ଛାର ନାହିଁ ସ୍ଥାନ
ଜିଇଁବା ନାଆଁରେ ସର୍ବଦା ସ୍ୱାଗତ
କରେ ଇଚ୍ଛାର ମରଣ

ନିଜକୁ ସଂଦେହ କରିବା ଅଭ୍ୟାସ
ଯୋଗୁଁ ହୁଏ ପରାଶ୍ରିତ
ବଳ, ବେଳ କରିଚାଲେ ଅପବ୍ୟୟ
ହୁଏନି କାଳାନୁଗତ

ବହୁବିଧ ମତ, ତତ୍ତ୍ୱର ଧାରକ
ହୋଇଯାଏ ତା'ର ମଥା
ସୁଖ ବଦଳରେ ଅକାରଣେ ପାଏ
ଅହେତୁକ ଭାବେ ବ୍ୟଥା

ଜୀବନରେ କିଛି ନୁହେ ସୁନିର୍ଦ୍ଦିଷ୍ଟ
ଏ ସତ୍ୟ ଥିଲେ ବି ଜାଣି
ଜ୍ଞାନ କେବେ ହେଲେ ପ୍ରୟୋଗ କରେନି
ନିଜକୁ ପାରେନି ମାନି



ଶୁଭୋଦୟର ୧୪ଶ ସଂସ୍କରଣ
(ଶୁଭପଲ୍ଲବ ଷ୍ଟୋର୍‌ରେ ଉପଲବ୍ଧ)
Buy Now!

# କାର୍ତ୍ତିକ ମାସ

ଦେବାଶିଷ ମହାପାତ୍ର



ଶିଉଳି ଫୁଲର ବାସ, କାର୍ତ୍ତିକର ମାସ
ବଣ ମଲ୍ଲୀକୁ କାଟି ଦିଏ ତା'ର ସେଇ ସୁଗନ୍ଧଭରା ବାସ
ପଣତ କାନିରେ ଗୋଟାଉ ଥାଏ ସେ ଶିଉଳିର ପରକାଶ
କାର୍ତ୍ତିକ ମାସର ସକାଳ, ଚଉରା ପ୍ରାଙ୍ଗଣ ଦିଶୁଥାଇ ସୁନ୍ଦର
ଆକାଶ ମାର୍ଗରେ ଶୁଭୁ ଥାଇ ଆରତୀର ହୁଳୁତାଳ
ଧର୍ମର ପରା ଏଇ ମାସ, କରି ଥାଇ ସେ କେତେ ଉପବାସ
ଜୀବନ ପ୍ରାସଙ୍ଗେ ସବୁ ଭୁଲିଯାଇ କରେ ସେ କେତେ ଅସୁମାରୀ ଆଶା ଅଶେଷ ।





ଡ. ସୁଲଗ୍ନା ମହାନ୍ତିଙ୍କ
ନାଲିଚୁଡ଼ା ଏବେ
ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ
(offers are going on)
Buy Now!

A Shubhapallaba Publication



ଆମ ପ୍ରକାଶନୀର ମୂଳ ଇ-ପତ୍ରିକା "**ଶୁଭପଲ୍ଲବ**" ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶ ପାଉଛି । ଶୁଭୋଦୟରେ ଶୁଭପଲ୍ଲବରେ ପ୍ରକାଶ ପାଇପାରୁନଥିବା ଲେଖାଗୁଡ଼ିକ ପ୍ରକାଶ ପାଇଥାଏ ଏବଂ ଶୁଭପଲ୍ଲବର ଓଡ଼ିଆ ପୋର୍ଟାଲ୍‌ରେ ମଧ୍ୟ ପ୍ରକାଶ ପାଇଥାଏ ।